# ରାଜନୀତିର ଅପରାଧୀକରଣକୁ ରୋକିବା ପାଇଁ ନିର୍ବାଚନ ଆଇନ୍‌ରେ ସଂଶୋଧନ ଲୋଡା

୩୧ ମାର୍ଚ୍ଚ ୨୦୦୨ରେ ସମ୍ବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ୍ (National Commission to Review the Working of the Constitution) ଭାରତ ସରକାରଙ୍କୁ ତାଙ୍କର ସୁବିସ୍ତୃତ ବିବରଣୀ ଓ ସୁପାରିଶ୍ ଦେଇସାରିଛନ୍ତି । ଏହା ବର୍ତ୍ତମାନ ଭାରତ ସରକାରଙ୍କ ଆଇନ୍, ନ୍ୟାୟ ଓ କଂପାନୀ ବ୍ୟାପାର ମନ୍ତ୍ରଣାଳୟର website‌ରେ ସଂପୂର୍ଣ୍ଣ ରୂପେ ଉପଲବ୍ଧ । ନମ୍ନୋକ୍ତ ଲେଖାଟି ସେହି ବିବରଣୀର ୪ର୍ଥ ପରିଚ୍ଛଦ 'ନିର୍ବାଚନୀ ପ୍ରକ୍ରିୟା ଓ ରାଜନୈତିକ ଦଳ"(Electoral Process and Political Parties) ଅନ୍ତର୍ଭୁକ୍ତ 'ଅପରାଧୀକରଣ' (Criminalisation) ଶୀର୍ଷକ ପ୍ରସଙ୍ଗର ମର୍ମାନୁବାଦ ।

୪.୧୨.୪ ଅପରଧୀମାନଙ୍କର ରାଜନୀତିରେ ପ୍ରବେଶ କରିବା ଅତ୍ୟନ୍ତ ଉଦ୍‌ବେଗଜନକ । ସରକାରଙ୍କ ଦ୍ୱାରା ନିଯୁକ୍ତ ଭୋରା କମିଟି ଦୃଢ଼ମତ ପୋଷଣ କରିଥିଲେ ଯେ, ଅପରାଧୀ ଚକ୍ର ଏବଂ ରାଜନୈତିକ ବ୍ୟକ୍ତିଙ୍କ ମଧ୍ୟରେ ଏକ ଗଭୀର ସମ୍ବନ୍ଧ ରହିଛି । ଭୋରା କମିଟିକୁ କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥା (C.B.I.) ଦେଇଥିବା ରିପୋର୍ଟ ଅନୁଯାୟୀ, ସାରା ଭାରତରେ ଅପରାଧୀ ମାନଙ୍କର ଦୁଷ୍ଟଚକ୍ରଗୁଡିକ ନିଜେହିଁ ଆଇନର ହର୍ତ୍ତା-କର୍ତ୍ତା-ବିଧାତା ସାଜିଛନ୍ତି । ଏପରିକି ଛୋଟ-ଛୋଟ ସହର ଏବଂ ଗ୍ରାମମାନଙ୍କରେ ଗୁଣ୍ଡା ଶ୍ରେଣୀର ବ୍ୟକ୍ତିମାନଙ୍କର ରାଜୁତି ଚାଲିଛି । ଭଡାଟିଆ ଗୁପ୍ତହତ୍ୟାକାରୀମାନେ ମଧ୍ୟ ଏହି ଦୁଷ୍ଟଚକ୍ରର ଅଂଶବିଶେଷ ହୋଇପଡିଛନ୍ତି । ଅପରାଧୀ ଗୋଷ୍ଠୀମାନ, ପୋଲିସ୍, ଅମଲାତନ୍ତ୍ର ଏବଂ ରାଜନେତାମାନଙ୍କ ମଧ୍ୟରେ ଥିବା ଗୁପ୍ତ ସମ୍ବନ୍ଧ ଭାରତର ବିଭିନ୍ନ ଭାଗରେ ସ୍ପଷ୍ଟ ହୋଇପଡିଛି । ଏହି ଭୋରାକମିଟି ଅନ୍ୟାନ୍ୟ ସରକାରୀ ସଂସ୍ଥାଗୁଡିକର ମତ ଉଦ୍ଧାରକରି କହିଛନ୍ତି, ବର୍ତ୍ତମାନ ଦେଶର ମାଫିଆ ଗୋଷ୍ଠୀ ବସ୍ତୁତଃ ଏକ ସମାନ୍ତରାଳ ସରକାର ଚଳାଇ ରଖିଛନ୍ତି ଏବଂ ରାଷ୍ଟ୍ର ବ୍ୟବସ୍ଥାକୁ ଅକାମୀ କରିଦେଇଛନ୍ତି । ଏହି ରିପୋର୍ଟ ପୁଣି ଦର୍ଶାଇଛି ଯେ, ବିହାର, ହରିଆନା ଏବଂ ଉତ୍ତରପ୍ରଦେଶ ଭଳି କେତେକ ରାଜ୍ୟରେ କୁଚକ୍ର ଗୋଷ୍ଠୀଗୁଡିକ ଦଳ ନିର୍ବିଶେଷରେ ସ୍ଥାନୀୟ ରାଜନେତାମାନଙ୍କର ପୃଷ୍ଠପୋଷକତା ଲାଭ କରୁଛନ୍ତି ତଥା ସରକାରୀ ପଦାଧୀକାରୀ ମାନଙ୍କଠାରୁ ସୁରକ୍ଷା ପାଉଛନ୍ତି । କେତେକ ରାଜନୈତିକ ନେତାମାନେ ଏହି ଅପରାଧୀ ଗୋଷ୍ଠୀ ଓ ସେନାମାନଙ୍କର ନେତା ସାଜିଛନ୍ତି ଏବଂ ବର୍ଷ-ବର୍ଷ ଧରି ନିଜକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା, ରାଜ୍ୟ ବିଧାନସଭା ଏବଂ ଜାତୀୟ ସଂସଦକୁ ନିର୍ବାଚିତ ହୋଇ ଆସୁଛନ୍ତି ।

୪.୧୨.୨ ଲୋକପ୍ରତିନିଧିତ୍ୱ ଆଇନ୍ ୧୯୫୧ (ଜଟଇ ୧୯୫୧) ଅନ୍ତର୍ଗତ ୮ମ ଧାରାର ଉପଧାରା(୧), (୨) ଏବଂ (୩) ରେ ଗୁରୁତର ଅସଙ୍ଗତି ପରିଲକ୍ଷିତ ହୋଇଛି । ଦୃଷ୍ଟାନ୍ତ ସ୍ୱରୂପ, ଜଣେ ଧର୍ଷଣକାରୀ ଯେ କି, ଦୋଷୀ ସାବ୍ୟସ୍ତ ହୋଇ ଦଶବର୍ଷ ଜେଲ୍‌ଦଣ୍ଡ ଭୋଗୁଥିବେ, ସେ ଉପଧାରା (୧) ଅନୁଯାୟୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ମାତ୍ର ୬ବର୍ଷ ସକାଶେ ଅଯୋଗ୍ୟ ବୋଲି ଘୋଷିତ ହେବେ । ତାଙ୍କର ଭୋଟ ଦେବାର ଅଧିକାର ନଥିଲେହେଁ, ସେ କିନ୍ତୁ ଜେଲ୍‌ରେ ବାକି ଚାରିବର୍ଷ ରହିଥିବା ସମୟରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଯୋଗ୍ୟ ବିବେଚିତ ହେବ । ଏହି କମିଶନ୍ ସୁପାରିଶ କରୁଛି ଯେ, ଲୋକପ୍ରତିନିଧିତ୍ୱ ଆଇନ୍‌ର ସଂଶୋଧନ କରାଯାଇ ଯେଉଁ ବ୍ୟକ୍ତି ତାଙ୍କର ଅପରାଧ ପାଇଁ ୫ବର୍ଷ କିମ୍ବା ତତୋଧିକ ଜେଲ୍‌ଦଣ୍ଡର ଅପରାଧରେ ଅଭିଯୁକ୍ତ ହୋଇଥିବେ, ଅପରାଧ ରୁଜୁ ହୋଇଥିବାର ବର୍ଷକ ମଧ୍ୟରେ ସଂସଦ କିମ୍ବା ରାଜ୍ୟ ବିଧାୟିକାର ସଭ୍ୟ ହେବାପାଇଁ ଅଯୋଗ୍ୟ ବୋଲି ବିବେଚିତ ହେବେ ତଥା ସେହି ଅପରାଧର ବିଚାର ଶେଷହେବା ପର୍ଯ୍ୟନ୍ତ ଅଯୋଗ୍ୟ ବୋଲି ଘୋଷିତ ରହିବେ । ଜଣେ ବ୍ୟକ୍ତି ଯଦି କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ୬ମାସ କିମ୍ବା ତଦୁର୍ଦ୍ଧ ଜେଲ୍‌ଦଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇଥିବେ, ତେବେ ନିର୍ବାଚନରେ ଭାଗନେବାର ପ୍ରତିବନ୍ଧକ ଦଣ୍ଡଭୋଗର ସମୁଦାୟ ସମୟ ପାଇଁ ଲାଗୁହେବ ଏବଂ ସେ ଦଣ୍ଡଭୋଗର ସୀମା ୬ବର୍ଷ ଶେଷ ହେବା ପର୍ଯ୍ୟନ୍ତ ମଧ୍ୟ ଲାଗୁରହିବ । ଯଦି କୌଣସି ବ୍ୟକ୍ତି ନିୟମର ଉଲଂଘନ କରେ, ସେ

ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାପାଇଁ ସଂପୂର୍ଣ୍ଣ ଅଯୋଗ୍ୟ ବୋଲି ଘୋଷିତ ହେବେ । ଯଦି କୌଣସି ଦଳ ଜଣେ ପ୍ରାର୍ଥୀଙ୍କର ଦୁଷ୍ଟଚରିତ୍ର ଇତିବୃତ୍ତି ଜାଣି ସୁଦ୍ଧା ତାକୁ ନିର୍ବାଚନରେ ଠିଆକରାନ୍ତି, ତେବେ ସେହି ଦଳର ସ୍ୱୀକୃତି ଓ ପଞ୍ଜିକରଣ ନାକଚ କରାଯିବ ।

୪.୧୨.୩ ଯଦି କୌଣସି ବ୍ୟକ୍ତି ନରହତ୍ୟା, ନାରୀଧର୍ଷଣ, ଚୋରାକାରବାର ଓ ଡକାୟତି ଇତ୍ୟାଦି ଜଘନ୍ୟ ଅପରାଧରେ ଦଣ୍ଡିତ ହୋଇଥାଏ, ତେବେ ସେ କେବେସୁଦ୍ଧା କୌଣସି ରାଜନୈତିକ ପଦବୀ ପାଇଁ ପ୍ରତିଦ୍ୱନ୍ଦୀତା କରିପାରିବ ନାହିଁ ବୋଲି ବ୍ୟବସ୍ଥା କରାଯାଉ ।

୪.୧୨.୪ ରାଜନେତାଙ୍କ ବିରୁଦ୍ଧରେ ଶୁଣାଣି ବା ଆବେଦନ ସ୍ତରରେ କୋର୍ଟ କଚେରୀ ମାନଙ୍କରେ ପଡିରହିଥିବା ଫୌଜଦାରୀ ମାମଲାଗୁଡିକୁ ଆବଶ୍ୟକ ପଡିଲେ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠାକରି ତୁରନ୍ତ ଫଇସଲା କରାଯିବା ଆବଶ୍ୟକ ।

୪.୧୨.୫ ଜଣେ ଯଦି ସମ୍ଭାବ୍ୟ ପ୍ରାର୍ଥୀ ବିରୁଦ୍ଧରେ ପୋଲିସ ଅଭିଯୋଗ ଦାୟର କରିଥାଏ, ତେବେ ସେ ଏହାକୁ ସ୍ୱତନ୍ତ୍ର ଅଦାଲତକୁ ବିଚାର ପାଇଁ ନେଇପାରନ୍ତି । ସ୍ୱତନ୍ତ୍ର ଅଦାଲତ ଏକ ସୁନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଆଗତ ଅଭିଯୋଗର ତଦନ୍ତ କରିବା ସହିତ ଫଏସଲା କରିବା ଉଚିତ୍ । ମୂଳତଃ ଆଗତ ହୋଇଥିବା ଅଭିଯୋଗ ଗୁଡିକର ବାସ୍ତବ ଅର୍ଥରେ ପ୍ରାଥମିକ ସତ୍ୟତା ଅଛି କି ନାହିଁ, ତାହା ସ୍ୱତନ୍ତ୍ର ଅଦାଲତ ଦର୍ଶାଇବେ ।

୪.୧୨.୬ ଏହି ସ୍ୱତନ୍ତ୍ର ଅଦାଲତଗୁଡିକ ହାଇକୋର୍ଟ ସ୍ତରରେ ଗଠିତ ହେବା ବାଂଛନୀୟ ଏବଂ ସେମାନଙ୍କର ରାୟ ବିରୁଦ୍ଧରେ ସୁପ୍ରିମ କୋର୍ଟରେ ଆବେଦନ କରାଯାଇପାରିବ । ଠିକ୍ ଯେପରି ଜାତୀୟ ପର୍ଯ୍ୟାବରଣ ନ୍ୟାୟାଧିକରଣ (National Environment Tribunal) କାର୍ଯ୍ୟ କରିଥାଏ । ସ୍ୱତନ୍ତ୍ର ଅଦାଲତଗୁଡିକ ୬ମାସ ମଧ୍ୟରେ କେଶ୍‌ର ଫଏସଲା କରିବା ଉଚିତ୍ । ଏହି କେସ୍ ଗୁଡିକର ଫଇସଲା ପାଇଁ ସ୍ୱତନ୍ତ୍ର ଅଦାଲତ କମିଶନର୍ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ କରିପାରିବେ ।

୪.୧୨.୭ କମିଶନ୍ ଅନୁଭବ କରେ ଯେ, ଏହି ସୁବିଧା କେବଳ ସଂସଦ କିମ୍ବା ରାଜ୍ୟବିଧାୟକରେ ଥିବା ସଭ୍ୟଙ୍କ ପାଇଁ ଉପଲବ୍ଧ ହେବ । କମିଶନ୍ ସୁପାରିସ୍ କରୁଛି ଯେ, ଏହି ସୁବିଧା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଚାହୁଁଥିବା ପ୍ରାର୍ଥୀମାନଙ୍କୁ ମିଳିବ ନାହିଁ ଏବଂ ଏହି ମର୍ମରେ ଆଇନ୍‌ର ଆବଶ୍ୟକୀୟ ସଂଶୋଧନ ଦରକାର । କମିଶନ୍ ସୁପାରିଶ୍ କରି ସାରିଛି ଯେ, ଯେଉଁ ବ୍ୟକ୍ତି ବିରୁଦ୍ଧରେ ୫ବର୍ଷ କିମ୍ବା ତଦୁର୍ଦ୍ଧ କାଳ ପାଇଁ ଜେଲ୍ ଦଣ୍ଡର ବ୍ୟବସ୍ଥା ଥିବା ଅପରାଧର ଅଭିଯୋଗ ଆଗତ ହୋଇଥିବ, ସେହି ଅଭିଯୋଗ କୋର୍ଟ ପାଖରେ ଦାଖଲର ଏକ ବର୍ଷ ଭିତରେ ନିର୍ବାଚନରେ ଅଂଶଗ୍ରହଣ କରିବାପାଇଁ ତାଙ୍କୁ ଅଯୋଗ୍ୟ ବୋଲି ଘୋଷିତ କରାହେବ । ଏହି ବ୍ୟବସ୍ଥା ସଂସଦ ଓ ରାଜ୍ୟ ବିଧାୟିକାର ସଭ୍ୟମାନଙ୍କ ସମେତ ସମସ୍ତ ବ୍ୟକ୍ତିଙ୍କ ପାଇଁ ଲାଗୁହେବା ଉଚିତ୍ ବୋଲି କମିଶନ୍ ଅନୁଭବ କରୁଛି ।

୪.୧୨.୮ ଲୋକପ୍ରତିନିଧିତ୍ୱ ଆଇନ୍ ୧୯୫୧ର ଧାରା ୮ର ଅନ୍ତର୍ଭୁକ୍ତ ଉପଧାରା ୪ ଅନୁଯାୟୀ ସେଇ ଧାରାର ଉପଧାରା (୧) ଓ (୨) ବଳରେ ଘୋଷିତ ଅଯୋଗ୍ୟତା, ଦଣ୍ଡବିଧାନ ଘୋଷଣାର ୩ମାସ ମଧ୍ୟରେ ଲାଗୁ ହେବ ନାହିଁ, ଯଦି ସଂପୃକ୍ତ ଅଭିଯୁକ୍ତ ବ୍ୟକ୍ତି ସଂସଦ ବା ରାଜ୍ୟ ବିଧାୟିକାର ସଭ୍ୟ ହୋଇଥାନ୍ତି । କିନ୍ତୁ ଦଣ୍ଡ-ଘୋଷଣାର ୩ମାସ ମଧ୍ୟରେ ଯଦି ଏହାର ପୁନର୍ବିଚାର ପାଇଁ ଆବେଦନ ବା ଦରଖାସ୍ତ କରାଯାଇଥାଏ, ତେବେ ସେହି ଆବେଦନ ବା ଦରଖାସ୍ତକୁ କୋର୍ଟ ଫଇସଲା ନକରିବା ଯାଏ ଉପରୋକ୍ତ ଅଯୋଗ୍ୟତା କାର୍ଯ୍ୟକାରୀ ହେବନାହିଁ ।

**ନିରୁପମା ଜେନା, ଏମ୍.ଏ., ଏଲ୍.ଏଲ୍.ବି., ଗଣେଷଘାଟ, କଟକ –୭୫୩୦୦୨, ଫୋନ୍- ୨୬୧୮୦୦୮**